## ଟ୍ରେନ୍‌ରୁ ଖସି ପଡ଼ିଲେ ଯୁବତୀ

**ଅମ୍ଭାଦଳା,(ଡି.ଏନ୍.ଏ.):** ସମ୍ବଲପୁର ଡିଭିଜନ ଅଧୀନ ରାୟଗଡ଼ା ଜିଲା ଅମ୍ଭାଦଳା ସେକ୍ସନ ଅନଯୋଡ଼ି ଓ ଦହିଖାଲ ମଧ୍ୟବର୍ତ୍ତୀ ସ୍ଥାନରେ ଟ୍ରେନ୍‌ରୁ ଖସି ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ସମ୍ବଲପୁର ଜିଲାର ସୁରଭି ମହାନନ୍ଦିଆ(୨୦)। ସେ ମଙ୍ଗଳବାର ସନ୍ଧ୍ୟାରେ ଝାରସୁଗୁଡ଼ାରୁ ରାଉରକେଲା-ଜଗଦଲପୁର ଏକ୍ସପ୍ରେସରେ ଯାଉଥିଲେ। ରେଳବାଇ ପକ୍ଷରୁ ଥାର୍ଡ ଲାଇନ୍ କାମ ଚାଲୁଥିବାବେଳେ କେତଜଣ ଶ୍ରମିକ କାମ କରିବା ପାଇଁ ସକାଳେ ସେହି ବାଟ ଦେଇ ଯାଉଥିଲେ। ଏହି ସମୟରେ ଅନଯୋଡ଼ି ଗ୍ରାମ ନିକଟ ରେଳ ଲାଇନ ପାର୍ଶ୍ୱରେ ଯୁବତୀ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଅମ୍ଭାଦଳା ସରକାରୀ ଡାକ୍ତରଖାନାରେ ପହଞ୍ଚାଇଥିଲେ। ପରେ ତାଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଦିବ୍ୟାଙ୍ଗ ଯୁବକ ମୃତ

**ରାୟଗଡ଼ା ଅଫିସ,୨୯।୧୨:** ରାୟଗଡ଼ା ସହରସ୍ଥିତ ଆଶୀର୍ବାଦ ଢ଼ାବା ନିକଟ ବୁଲାଣିରେ ବୁଧବାର ଏକ ବାଇକ୍‌ର ପଛପଟୁ ଟ୍ରକ୍ ଧକ୍କା ଦେବା ଫଳରେ ବାଇକ୍‌ରେ ବସିଥିବା ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ର ପ୍ରଦେଶ ବିଜୟାନଗରମ୍ ଜିଲା ଜଡ଼ାମାଣ୍ଡି ଅଞ୍ଚଳର ଶିବା କଣ୍ଡାଗରି(୩୨)। ଏଥିରେ ଅନ୍ୟଜଣେ ବାଇକ୍ ଆରୋହୀ ଏସ୍. ରବି ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ଶିବା ଏବଂ ରବି ବାଇକ୍ ଯୋଗେ ସାଲୁରରୁ ସୁଙ୍କି ଦେଇ ରାୟଗଡ଼ାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଆସୁଥିଲେ। ଆଶୀର୍ବାଦ ଢ଼ାବା ନିକଟ ବୁଲାଣି ରାସ୍ତାରେ ଦୁର୍ଘଟଣା ଘଟିଥିଲା।

### ୨୭୩ କେଜି ଗଞ୍ଜେଇ ଜବତ

**ପାପଡ଼ାହାଣ୍ଡି,୨୯।୧୨(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ତୁମ୍ଭର୍ଲା ଫାଣ୍ଡି ରାସ୍ତାରେ ଏକ ବୋଲେରୋ (ଓଆର୍-୧୦ଏ-୦୨୧୧)ରୁ ପୋଲିସ ୨୭୩ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ କୋରାପୁଟ ଜିଲା ଲମତାପୁଟର କାର୍ତ୍ତିକ ବଡ଼ନାୟକଙ୍କୁ ଅଟକ ରଖିଛି। ବୋଲେରୋକୁ ଏସ୍କର୍ଟ ଦେଉଥିବା ଏକ କାର୍ (ଓଆର୍-୦୨ବିଜେଡ୍-୦୧୨୦)କୁ ମଧ ପୋଲିସ ଜବତ କରିଛି। ଲମତାପୁଟରୁ ଗଞ୍ଜେଇ ଧରି ରାଇଘର ଯିବା ସମୟରେ ଖବରପାଇ ପୋଲିସ ଯାଞ୍ଚ କରି ଦୁଇଟି ଗାଡ଼ିକୁ ଧରିଥିଲା। ମାଜିଷ୍ଟ୍ରେଟ ତହସିଲଦାର ଯୋଗେଶ୍ୱର ଭୋଇଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ପୋଲିସକୁ ଦେଖି କାର୍‌ରୁ ଜଣେ ଓ ବୋଲେରୋରୁ ଜଣେ ଚମ୍ପଟ ମାରିଥିଲେ। ଚଢ଼ାଉରେ ଥାନାଧିକାରୀ ଶୁଭେନ୍ଦୁ ଶବର, ଏସ୍ଆଇ ଶିବାଜୀ ପଣ୍ଡା, ଏସ୍ଆଇ ଶୁଭେନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ କେସ୍ ନଂ ୨୦୫/୨୧ରେ ମାମଲା ରୁଜୁ କରିଛି।

### ଜିଲାପାଳଙ୍କ ନନ୍ଦାହାଣ୍ଡି ଗସ୍ତ

**ନନ୍ଦାହାଣ୍ଡି,୨୯।୧୨(ଡି.ଏନ୍.ଏ.):** ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର ବୁଧବାର ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗସ୍ତ କରିଥିଲେ। ସେଠାରେ ବିଡିଓ ଶିବଶଙ୍କର ମୁର୍ମୁ ଏବଂ ପିଡି ରତ୍ନାକର ସାହୁ, ଚେୟାରମ୍ୟାନ ସନ୍ନ୍ୟାସୀ ସୌରା ଏବଂ ସମସ୍ତ ବିଭାଗର ପଦାଧିକାରୀଙ୍କ ଉପସ୍ଥିତିରେ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଛି। ଲୋକଙ୍କ ସମସ୍ୟା ସମାଧାନ ଏବଂ ସରକାରଙ୍କ ସମସ୍ତ ଯୋଜନାର ଉପଯୁକ୍ତ ତଦାରଖ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ସେଠାରୁ ସରୁଗୁଡ଼ା ଧାନମଣ୍ଡି ପରିଦର୍ଶନ କରିବାକୁ ଯାଇଥିଲେ। ମଣ୍ଡିରେ ଅବ୍ୟବସ୍ଥା ଲାଗି ରହୁଥିବାରୁ ତାହାର ତଦନ୍ତ ଓ ଠିକ୍ ତତ୍ତ୍ୱାବଧାନରେ ଚାଷୀଙ୍କ ଧାନ କିଭଳି ବିକ୍ରି ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

### ଓଏଲ୍ଏମ୍ ପକ୍ଷରୁ ତାଲିମ

**ଚନ୍ଦ୍ରପୁର,୨୯।୧୨(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦରସ୍ଥିତ ଆଇସିଡିଏସ୍ କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଶା ଜୀବିକା ମିଶନ(ଓଏଲ୍ଏମ୍) ଏବଂ ମିଶନ ଶକ୍ତି ସହଯୋଗରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ପର୍କିତ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଜର୍ଜ ତିର୍କୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ କିଶୋରୀ, ବାଳିକା, ଗର୍ଭବତୀ ଏବଂ ପ୍ରସୂତିଙ୍କ ସ୍ୱାସ୍ଥ୍ୟର ଯତ୍ନ ସହ ପୁଷ୍ଟିକର ଖାଦ୍ୟର ବ୍ୟବହାର, ନିଜ ଜାଗାରେ ପୁଷ୍ଟି ବଗିଚା କରି ପୁଷ୍ଟିକର ଖାଦ୍ୟ ଖାଇବା, ବାଲ୍ୟ ବିବାହ ରୋକିବା ଆଦି ନେଇ ସଚେତନ କରାଇଥିଲେ। ଏଥିରେ ୬୦ ସିଆର୍‌ପି ସିଏମ୍ ଯୋଗଦେଇ ତାଲିମ ନେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଶୁକ୍ରବାରେ ସରିବ ବୋଲି ଚନ୍ଦ୍ରପୁର ବ୍ଲକର ଓଏଲ୍ଏମ୍ ବିପିଏମ୍ ଶ୍ରବଣ ସିଂ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ରୂପେ କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ଭୀମ ଗଗେରଙ୍ଗା, ସାମାଜିକ କର୍ମୀ ବିଜୟ ପ୍ରସାଦ ଉଲାକା, ବିଏଲ୍ଆର୍‌ପି ଶୁକ୍ରୁ ଦାସ, ବିପିସି ସଜେନ୍ଦ୍ର ନିଶିକା, ଗୋପାଳ ଖଟୁଆଙ୍କ ସମେତ ମିଶନ ଶକ୍ତିର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସଞ୍ଜୀବ କୋଟପାଡ୍ ପର୍ଯ୍ୟବେକ୍ଷକ

**କୋଷାଗୁମୁଡ଼ା, ୨୯।୧୨(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କଂଗ୍ରେସ ସଭାପତି ସଞ୍ଜୀବ ବିଷୋୟୀ କୋରାପୁଟ ଜିଲା କୋଟପାଡ ବ୍ଲକ ପର୍ଯ୍ୟବେକ୍ଷକ ଭାବେ ମନୋନୀତ ହୋଇଛନ୍ତି। ପିସିସି ସଭାପତିଙ୍କ ନିର୍ଦ୍ଦେଶରେ କୋରାପୁଟ ଜିଲା କଂଗ୍ରେସ କମିଟି ତାଙ୍କୁ ମନୋନୀତ କରିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ କୋଟପାଡ ବ୍ଲକରେ ଯୋଗ୍ୟ ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦେବେ ଓ ଦଳୀୟ ପ୍ରାର୍ଥୀଙ୍କ କିପରି ଜିତିବେ ସେ ଦିଗରେ ଧ୍ୟାନ ଦେବେ ବୋଲି ସଞ୍ଜୀବ କହିଛନ୍ତି। ବର୍ତ୍ତମାନ ସେ କୋଷାଗୁମୁଡା ବ୍ଲକ କଂଗ୍ରେସ ସଭାପତି ଅଛନ୍ତି।

# ବାଲ୍ୟବିବାହ ରୋକିବାରେ ଅଧିକ ସଚେତନତାକୁ ଗୁରୁତ୍ୱ

## 'ପ୍ରଚେଷ୍ଟା' ଅଭିଯାନରେ ଚାଲିଥିବା କାର୍ଯ୍ୟକ୍ରମର ସମୀକ୍ଷା

**ରାୟଗଡ଼ା ଅଫିସ,୨୯।୧୨**

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟ ବିବାହ ନିରାକରଣ ଓ କିଶୋରୀଙ୍କ ସଶକ୍ତୀକରଣ ନିମନ୍ତେ ପ୍ରଚେଷ୍ଟା ଅଭିଯାନ ମାଧ୍ୟମରେ ଚାଲିଥିବା କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରଯାଇଥିଲା। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ରୋକିବା ପାଇଁ ତଥା ଶିଶୁ ସୁରକ୍ଷା, ଶିଶୁର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ କିଶୋରୀ, କିଶୋରଙ୍କୁ ସଶକ୍ତ କରିବା ତଥା ଶିଶୁ ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ କମିଟି ସମୂହର ସୁସଂଯୋଗ ପାଇଁ ନିର୍ଦ୍ଧାରିତ ଜିଲା କାର୍ଯ୍ୟ ଖସଡ଼ା ଅନୁଯାୟୀ ପ୍ରତ୍ୟେକ ତିନି ମାସରେ ବିଭିନ୍ନ ବିଭାଗ ଦ୍ୱାରା ସମ୍ପାଦିତ ହୋଇଥିବା କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା। ସେହିପରି ଆଗାମୀ ୩ ମାସରେ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଚାଇଲ୍ଡଲାଇନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା କମିଟି ସମୀକ୍ଷା କରିଥିଲା।

ଆଦିମ ଜନଜାତିର ଝିଅମାନେ ବିଳମ୍ବରେ ବିବାହ କଲେ ସରକାରଙ୍କ ପକ୍ଷରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଯୋଜନା ରହିଛି। ସେହିପରି ନିର୍ମାଣ ଶ୍ରମିକ ପରିବାରର ଦୁଇଟି ଝିଅଙ୍କ ପାଇଁ ବିବାହ ସମୟରେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି। ଏହି ଯୋଜନା ବିଷୟରେ ପ୍ରତ୍ୟେକ ପରିବାରକୁ ଜଣାଇଲେ ବାଲ୍ୟ ବିବାହକୁ ରୋକାଯାଇ ପାରିବ। ତେଣୁ ଏହି ଯୋଜନା ବିଷୟରେ ଲୋକଙ୍କୁ ଅଧିକ ସଚେତନ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଜାନୁୟାରୀ ୨୬ରେ ସତନ୍ତ୍ର ଗ୍ରାମସଭାରେ ବାଲ୍ୟ ବିବାହ ନିଷେଧ ବିଷୟରେ ଆଲୋଚନା କରାଯିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁଙ୍କ ସମସ୍ୟାର ସମାଧାନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ବିଭିନ୍ନ ବିଭାଗର ସହଯୋଗ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଆଇସିଡିଏସ୍‌ର ଜିଲା କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢ଼ୀ, ଆକ୍ସନଏଡ୍‌ର ବାଲ୍ୟ ବିବାହ ନିଷେଧ ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ ସହଯୋଗ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ର, ଜିଲାର ବିଭିନ୍ନ ବ୍ଲକର ବିଡିଓ, ଏବିଡିଓ, ଡିଇଓ, ଡିଡବ୍ଲୁଓ, ଜିଲା ପଞ୍ଚାୟତ ଅଧିକାରୀ, ଜିଲା ଶ୍ରମ ଅଧିକାରୀ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରାଜ କିଶୋର ସାହୁ, ଓର୍ମାସର ଡେପୁଟି ସିଇଓ, ଓଏଲ୍ଏମ୍‌ର ଜିଲା କାର୍ଯ୍ୟକ୍ରମ ପରିଚାଳକ, ସମସ୍ତ ଆଇସିଡିଏସ୍ ପ୍ରକଳ୍ପ ଅଧିକାରୀ, ବାଲ୍ୟ ବିବାହ ନିଷେଧ ଜିଲା ପରାମର୍ଶଦାତ୍ରୀ ଇତିଶ୍ରୀ ଜେନାଙ୍କ ସମେତ ଚାଇଲ୍ଡଲାଇନ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆର୍‌କେ ସୁନାଗହଣା ଦୋକାନ ଉପରେ ଜିଏସ୍‌ଟି ଚଢ଼ାଉ

**ମାଲକାନଗିର,୨୯।୧୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାରେ ଥିବା ଆର୍‌କେ ସୁନାଗହଣା ଦୋକାନ ଉପରେ ବୁଧବାର ଜିଏସ୍‌ଟିର ବ୍ରହ୍ମପୁର ଏବଂ ରାୟଗଡା ଡିଭିଜନ ପକ୍ଷରୁ ଚଢାଉ ହୋଇଛି। ଡେପୁଟି କମିଶନର ଦେବ କଲ୍ୟାଣ ବେହେରାଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ଡାଟାବେସ୍ ଏବଂ ମାର୍କେଟିଂ ଆନାଲିସିସ୍‌କୁ ଭିତ୍ତିକରି ଏହି ବ୍ୟବସାୟ ପ୍ରତିଷ୍ଠାନ ଉପରେ ସନ୍ଦେହ ହେବାରୁ ଏପରି ଚଢାଉ କରାଯାଇଥିବା ବେହେରା ସୂଚନା ଦେଇଛନ୍ତି। ସୁନା ଗହଣା, ଆମଦାନୀ ସୁନା ଏବଂ ଗହଣା ବିକ୍ରି ସହ କେତେ ବର୍ଷ ଧରି ଏହାର ବ୍ୟବସାୟ ଚାଲିଛି ସେ ସମ୍ପର୍କରେ ତଦନ୍ତ କରାଯାଇ ସମସ୍ତ ନଥିପତ୍ର ଜବତ କରାଯାଇଛି। ଗୁରୁବାର ସମ୍ପୃକ୍ତ ବ୍ୟବସାୟୀ ତାଙ୍କର ସମସ୍ତ ଜିଏସ୍‌ଟି ପୈଠର ପ୍ରମାଣଯୋଗ୍ୟ ତଥ୍ୟ ପ୍ରଦାନ କଲା ପରେ ସେ କେତେ ଜିଏସ୍‌ଟି ଫାଙ୍କିଛନ୍ତି ଏହାର ପରିମାଣ ଜଣାପଡିବ।

# ଖବରଦାତା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ

**ନବରଙ୍ଗପୁର,୨୯।୧୨ (ବି.ପ୍ର.)**

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲାସ୍ତରୀୟ ଖବରଦାତାଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ପିଡି ଡିଆର୍‌ଡିଏ ରତ୍ନାକର ସାହୁ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଡ .ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। 'ସାମ୍ପ୍ରତିକ ପରିସ୍ଥିତିରେ ଖବରଦାତାଙ୍କ ଭୂମିକା' ଉପରେ ଆଲୋଚନା କରାଯାଇଛି। ଡିଆଇପିଆର୍‌ଓ ହଳଧର ନିଆଲଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ଖବରଦାତାମାନେ ଖବର ପରିବେଷଣ କିମ୍ବା ଅନୁସନ୍ଧାନ, ଦୁର୍ନୀତି ଖବର ପରିବେଷଣ କରିବା ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଆଲୋକପାତ କରାଯାଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଅନ୍ୟ ପ୍ରଶାସନିକ ଅଧିକାରୀ ଓ ଖବରଦାତାମାନେ।

ଏଥିସହ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ଆଲୋଚନା କରାଯାଇଛି।

ନବରଙ୍ଗପୁର ସଦର ମହକୁମାରେ ଏକ ଅଡିଟୋରିୟମ, ସହର ମଧ୍ୟରେ ଶୌଚାଳୟ ନିର୍ମାଣ ସହ ବିଭିନ୍ନ ପାର୍କର ଉନ୍ନତୀକରଣ କରିବା ପାଇଁ ଅନୁରୋଧ କରାଯାଇଛି। ଖବରଦାତାଙ୍କ ସମସ୍ୟା ଓ ଦାବିକୁ ରାଜ୍ୟ ସରକାର ନିକଟରେ ଉପସ୍ଥାପନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଖବରଦାତା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସାମ୍ବାଦିକତାକୁ ବାଦ୍ ଦେଇ କିଛି ଚିନ୍ତା କରାଯାଇପାରିବ ନାହିଁ ବୋଲି ଜିଲାପାଳ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଓୟୁଜେ ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ ବେହେରା, ଉପସଭାପତି କିଶୋର ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ଏ.ସତୀଶ, ଏସ୍ୟୁଜେ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସଦାଶିବ ପ୍ରହରାଜ, ଯୁଗ୍ମ ସମ୍ପାଦକ ଆଦିତ୍ୟ ସାହୁ, କୋଷାଧ୍ୟକ୍ଷ ଅଶୋକ ସାହୁ, ଓଜେୟୁ ସଂଘର ରାଜ୍ୟ ସମ୍ପାଦକ ବାଙ୍କ ବିହାରୀ ବିଷୋୟୀଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ରାଜେନ୍ଦ୍ର ମାଝି , ନୀଳକଣ୍ଠ ନାୟକ ଓ ସନ୍ତୋଷ ରାଓ ପ୍ରମୁଖ ସହଯୋଗ କରିଥିଲେ।

# ତଦନ୍ତ ଆରମ୍ଭ କଲା ଶିକ୍ଷା ବିଭାଗ

## କବାଡ଼ି ଦୋକାନରେ ସ୍କୁଲ ପିଲାଙ୍କ ବହି ମିଳିବା ଘଟଣା

**ଉମରକୋଟ, ୨୯।୧୨(ସ୍ୱ.ପ୍ର.)**

ସରକାର ଛାତ୍ରୀଛାତ୍ରଙ୍କ ପାଇଁ ଯୋଗାଇଥିବା ବହି କବାଡ଼ି ଦୋକାନରେ ପଡ଼ିଥିବା ଖବର ପ୍ରକାଶିତ ହେବା ପରେ ଛନକା ପଶିଛି ଶିକ୍ଷା ବିଭାଗରେ। ଯେଉଁ ବହି କବାଡ଼ି ଦୋକାନରେ ବିକ୍ରି କରାଯାଇଛି ସେଥିରେ ୨୦୨୨ ମୁଦ୍ରଣ ଉଲ୍ଲେଖ ରହିଛି। ବହିଗୁଡିକ ଆସନ୍ତା ଶିକ୍ଷା ବର୍ଷ ପାଇଁ ଆସିଥିଲା। ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର ଏହାର ତନାଘନା ଚଳାଇଛନ୍ତି। ଉମରକୋଟ ବ୍ଲକ ଅଧୀନରେ ଥିବା ସମସ୍ତ ସିଆର୍‌ସିଙ୍କୁ ଡକାଇ ଏକ ପ୍ରକାର ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ଉମରକୋଟ ବିଇଓଙ୍କୁ ପଚାରିବାରୁ ମୁଁ ୨ ଏବିଓଙ୍କୁ ନେଇ ଉକ୍ତ କବାଡ଼ି ଦୋକାନକୁ ଯାଇ ତଦନ୍ତ କରିଥିଲି। ବହି ସେଠାରେ ନ ଥିଲା। ସରକାରଙ୍କ ପକ୍ଷରୁ ଆସିଥିବା ବହିକୁ ଆମେ ୨୫ ତାରିଖ ଅପରାହ୍ନ ୪.୩୦ରେ ରିସିଭ୍ କରିଛୁ। ଉକ୍ତ ବହି ଷ୍ଟକ୍ ଏବେବି ଆମ ପାଖରେ ଅଛି। ଗୋଦାମଘରେ ଯେଉଁ ବହି ଥିବା ନେଇ ଖବର ପ୍ରକାଶ ପାଇଛି ତାହା କେଉଁଠାରୁ ଆସିଥିଲା ଆମେ ଜାଣିନାହୁଁ। କିନ୍ତୁ ପିଲାଙ୍କ ବହି ବିକ୍ରି ଏକ ଘୃଣ୍ୟ କାର୍ଯ୍ୟ ବୋଲି ବିଇଓ କହିଛନ୍ତି। ବହି ଗ୍ରହଣ କରିବା ପୂର୍ବରୁ ଗୋଦାମକୁ କିପରି ଗଲା ତାହା ଆଶ୍ଚର୍ଯ୍ୟ ଓ ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଧାନ ମଣ୍ଡି ଉଦ୍‌ଘାଟିତ

**ଦଶମନ୍ତପୁର, ୨୯।୧୨ ( ଡ଼ି.ଏନ.ଏ.)**

ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ଲ୍ୟାମ୍ପସ କାର୍ଯ୍ୟାଳୟଠାରେ ବୁଧବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ତହସିଲଦାର ଅଜୟ ପ୍ରକାଶ ତିର୍କି ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ଆର୍‌ଏମସିର ପ୍ରଫୁଲ୍ଲ ଦେବତା, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ଦଳାଇ, ଭାସ୍କର ସାହୁ, ପଦ୍ମଲୋଚନ ବିଶୋୟୀଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୧୭ ଜଣ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଦରରେ ୩୭୫ କୁଇଣ୍ଟାଲ ଧାନ କିଣା ଯାଇଥିଲା। ବର୍ତ୍ତମାନ ୨୮୯ ଚାଷୀଙ୍କ ମଧ୍ୟରୁ ମାତ୍ର ୯୧ ଜଣ ଚାଷୀଙ୍କ ନାମରେ ଟୋକନ ମିଳିଛି। ୨ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ରଖାଯାଇଥିବା ରହିଛି ବୋଲି ଲ୍ୟାମ୍ପ ଏମଡି ସୂଚନା ଦେଇଛନ୍ତି। ବ୍ଲକ ଯୋଗାଣ ବିଭାଗର ଚୂଡାମଣି କାପ୍ତା, କୈଳାସ ଚନ୍ଦ୍ର ଗରଡା ସହଯୋଗ କରିଥିଲେ।

# ନାରାୟଣପାଟଣାରେ ଥାନା ନୂତନ ଗୃହ ଲୋକାର୍ପିତ

**ନାରାୟଣପାଟଣା, ୨୯।୧୨ (ଡି.ଏନ.ଏ.)**

କୋରାପୁଟ ଜିଲାର ନାରାୟଣପାଟଣା ଠାରେ ୨.୫ କୋଟି ଟଙ୍କା ବ୍ୟୟରେ ପୋଲିସ ହାଉସିଂ ବୋର୍ଡ ଦ୍ୱାରା ନିର୍ମିତ ଥାନା ନୂତନ ଗୃହ ବୁଧବାର ଲୋକାର୍ପିତ ହୋଇଛି । ଦକ୍ଷିଣ-ପଶ୍ଚିମାଞ୍ଚଳ ପୋଲିସ ଉପନିରୀକ୍ଷକ ରାଜେଶ ପଣ୍ଡିତ ଏବଂ କୋରାପୁଟ ଜିଲା ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ଉପସ୍ଥିତିରେ ଡିଜିପି ଅଭୟ ଭିସି ଜରିଆରେ ଲୋକାର୍ପଣ କରିଛନ୍ତି। ୯ଟି ପଞ୍ଚାୟତକୁ ନେଇ ଗଠିତ ନାରାୟଣପାଟଣା ଥାନା ୧୯୦୫ରୁ ଅଦ୍ୟାବଧି ପୁରୁଣା କୋଠାରେ କାର୍ଯ୍ୟ କରିଆସୁଥିଲା। ପୋଲିସ ହାଉସିଂ ବୋର୍ଡର ଡେପୁଟି ଜେନେରାଲ ମ୍ୟାନେଜର


ଉଦ୍‌ଘାଟିତ ହୋଇଥିବା ନବନିର୍ମିତ ଥାନା ଗୃହ।

ଶିବରାମ ନାୟକ, ଏପିଏମ୍ ପ୍ରଭାତ ପ୍ରଧାନ, କ୍ଷେତ୍ର ତତ୍ତ୍ୱାବଧାରକ ମିଳନ ଦାସଙ୍କ ତତ୍ତ୍ୱାବଧାନରେ ଏହି ଥାନା ଗୃହ ନିର୍ମାଣ ହୋଇଥିଲା। ଆୟୋଜିତ ସଭାରେ ଲକ୍ଷ୍ମୀପୁର ଉପଖଣ୍ଡ ପୋଲିସ ଅଧିକାରୀ ଅଶ୍ୱିନୀ ନାୟକଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଡିଜିପି ଅଭୟ ଭର୍ଚୁଆଲ ମାଧ୍ୟମରେ ନିଜ ବକ୍ତବ୍ୟରେ ନାରାୟଣପାଟଣା ଅଞ୍ଚଳବାସୀଙ୍କ ପ୍ରତି ପୋଲିସ ପ୍ରଶାସନର ନିଃସ୍ୱାର୍ଥପର ସେବା ଓ ସହଯୋଗ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦକ୍ଷିଣ-ପଶ୍ଚିମାଞ୍ଚଳ ପୋଲିସ ଉପନିରୀକ୍ଷକ ପଣ୍ଡିତ ବକ୍ତବ୍ୟରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଜିଲା ପରିଷଦ ସଭ୍ୟ ଲଳିତ ନାରାୟଣ ପରିଡ଼ା, ବ୍ଲକ ଅଧ୍ୟକ୍ଷା ଶୈଳଜା ଭାଣ୍ଡି, ବିଡିଓ ଯଦୁମଣି ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମକୁ ନାରାୟଣପାଟଣା ଥାନା ଅଧିକାରୀ ରଞ୍ଜିତ ସାହୁ, ବନ୍ଧୁଗାଁ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଓ ପ୍ରଜାରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ଶିକ୍ଷକ ହତ୍ୟାକାଣ୍ଡର ଉଚ୍ଚସ୍ତରୀୟ ତଦନ୍ତ ଦାବି

**ଟିକିରି,୨୯।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ା ଥାନା ଅଧୀନ ତୁରେଇଘାଟି ଗ୍ରାମ ବିଦ୍ୟାଳୟର ଶିକ୍ଷକ ମୁକୁନ୍ଦ ପ୍ରସାଦ ନାଥଶର୍ମାଙ୍କ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି କାଶୀପୁର ପ୍ରାଥମିକ ଶିକ୍ଷକ ସଂଘ। ଏ ନେଇ ବୁଧବାର ପ୍ରାୟ ୨୦୦ ଶିକ୍ଷକ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଟିକିରି, ଦୋରାଗୁଡ଼ା, ଅଣ୍ଡିରାକଞ୍ଚ ଏବଂ କାଶୀପୁର ଥାନାରେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୃତ ଶିକ୍ଷକଙ୍କୁ ନ୍ୟାୟ ସହ ତାଙ୍କ ପରିବାରକୁ ସୁରକ୍ଷା ନିମନ୍ତେ ଶିକ୍ଷକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଡିସେମ୍ବର ୨୪ରେ ଶିକ୍ଷକ ମୁକୁନ୍ଦ ନାଥଶର୍ମା ବାଇକ୍ ଯୋଗେ ତୁରେଇଘାଟି ବିଦ୍ୟାଳୟକୁ ଯାଇ ଡଙ୍ଗାସିଲସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ବିଦ୍ୟାଳୟଠାରୁ କିଛି ଦୂରରେ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୋରାଗୁଡା ପୋଲିସ ଘଟଣାର ତଦନ୍ତ କରି ୨୫ ତାରିଖରେ ଅଭିଯୁକ୍ତ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳର ଗୁଲା ପରଜା(୪୦)ଙ୍କୁ ଗିରଫ କରିଥିଲା। ଜଣେ ପାଗଳ ଶିକ୍ଷକଙ୍କୁ ହତ୍ୟା କରିଥିବା ନେଇ ସାମ୍ନାକୁ ଆସିଥିଲା। କିନ୍ତୁ ହତ୍ୟାକାରୀ ପାଗଳ ନୁହଁନ୍ତି। ସ୍ୱାମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିବା ନେଇ ମୃତ ଶିକ୍ଷକଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ।

## ବିଷପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

**କାଳିମେଳା,୨୯।୧୨(ଡି.ଏନ୍.ଏ)**

କାଳିମେଳା ଥାନା ଅନ୍ତର୍ଗତ କଇମେଟଲା ପଞ୍ଚାୟତର ନାମକୋଣ୍ଡା ଗ୍ରାମରେ ଜଣେ ବୃଦ୍ଧା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଯୋଗୀ ପଡିଆମି(୬୫)। କୌଣସି କାରଣକୁ ନେଇ ସେ ମଙ୍ଗଳବାର ବିଷ ଖାଇଦେଇଥିଲେ। ଏ ନେଇ ଭଉଣୀ ବୁଦ୍ରି ମାଡକାମି ଏହା ଜାଣିପାରି ତାଙ୍କୁ କାଳିମେଳା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୋଗୀଙ୍କ ମୃତ୍ୟୁ ହୋଇଥିଲା।

## ବଡକେରେଙ୍ଗା ପଞ୍ଚାୟତବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ

**କୋରାପୁଟ,୨୯।୧୨(ସ୍ୱ.ପ୍ର.)**

କୋରାପୁଟ ବ୍ଲକ ବଡକେରେଙ୍ଗା ପଞ୍ଚାୟତରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଦାବିରେ ବୁଧବାର ପଞ୍ଚାୟତବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବଡକେରେଙ୍ଗା ସରପଞ୍ଚ ରଘୁନାଥ ଖିଲଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଜିଲାପାଳଙ୍କୁ ଭେଟିଥିଲେ। ଅପରକୋଲାବ ପ୍ରକଳ୍ପ ଆରମ୍ଭରୁ କାର୍ଯ୍ୟ କରୁଥିବା ଡାକ୍ତରଖାନାକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା, ପଞ୍ଚାୟତ ଅଞ୍ଚଳରେ ମୋବାଇଲ ସେବା, ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ୨କୁ କରିବା, ଚର୍କଲିଗୁଡାଠାରୁ ଭାଲିଆଗୁଡା ପକ୍କା ରାସ୍ତା ନିର୍ମାଣ କରିବା, ପାନୀୟ ଜଳ ଯୋଗାଣ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ଫୁଲମତୀ ହରିଜନ, ବନିତା ଖରା, ରଇଲା ନାଗ, ସୁନାଦେଇ ଖରା, ଭକ୍ତ ମାଳିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିବ ମାଣ୍ଡିଙ୍ଗୀ ହତ୍ୟା ମାମଲା :୧୧ ନିର୍ଦ୍ଦୋଷରେ ଖଲାସ

**କୋରାପୁଟ,୨୯।୧୨(ସ୍ୱ.ପ୍ର.)**

କୋରାପୁଟ ଅତିରିକ୍ତ ଜିଲା ଦୌରା ଜଜ୍ ବୁଧବାର ଏକ ହତ୍ୟା ମାମଲାର ବିଚାରକରି ୧୧ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଉକ୍ତ ମାମଲାର ୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ମହଲତ ଶା ଏହି ରାୟ ଶୁଣାଣି କରିଛନ୍ତି। ନିର୍ଦ୍ଦୋଷରେ ଖଲାସ ହୋଇଥିବା ଅଭିଯୁକ୍ତମାନେ ହେଲେ ନାରାୟଣପାଟଣା ଥାନା ଅନ୍ତର୍ଗତ ଡୁମୁସିଲ ଗ୍ରାମର ମୀନ ହିକ୍କା ଓ ଖାଡୁ ତାଡିଙ୍ଗି, ଟିଙ୍ଗିନାପୁଟ ଗ୍ରାମର ବିରି ମିଣିଆକା ଓ ଆରୁସୁ ୱାଡେକା, କାମିପଦର ଗ୍ରାମର ଡାଲୁ ମାଣ୍ଡିଙ୍ଗୀ ଓ ସାମୁରୁ ମିଣିଆକା, ବାସନାପୁଟ ଗ୍ରାମର କାନ୍ଧୁରୁ ହୁଲୁକା, ଡେକାପଡୁ ଗ୍ରାମର ସମ୍ବରୁ ସୁରିକା, କୁମୁଡାସିଲ ଗ୍ରାମର ସୁକୁରା ସିରିକା, ଡାଇଗୁଡ଼ା ଗ୍ରାମର ନବୀନ ପାସକା ଓ ପୋଡ଼ାପଦର ଗ୍ରାମର ବାନ୍ଦୁ ନାଚିକା।

ମାମଲାର ବିବରଣୀରୁ ପ୍ରକାଶ, ନାରାୟଣପାଟଣା ଥାନା ଅନ୍ତର୍ଗତ ଯୋଗୀ ପାଲୁର ଗ୍ରାମର ଶିବ ମାଣ୍ଡିଙ୍ଗୀ ପୂର୍ବରୁ ଚାଷୀ ମୂଲିଆ ସଂଘରେ କାମ କରୁଥିଲେ। କୌଣସି କାରଣରୁ ସେ ସଂଘ ଛାଡ଼ି ୨୦୧୩ ଜାନୁୟାରୀରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ୧୧ ଅଗଷ୍ଟ ୨୦୧୩ ସକାଳ ୮ଟାରେ ଶିବ ନିଜ ପରିବାର ସହ ନିକଟସ୍ଥ ଜମିରେ ମାଣ୍ଡିଆ ରୋଉଥିବା ବେଳେ ୧୫ରୁ ଅଧିକ ସଶସ୍ତ୍ର ମାଓବାଦୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଇନ୍‌ଫର୍ମର ସନ୍ଦେହରେ ଶିବଙ୍କ ବେକ କାଟି ହତ୍ୟା କରିଥିଲେ। ଏନେଇ ଶିବଙ୍କ ପୁଅ କୁଞ୍ଜି ମାଣ୍ଡିଙ୍ଗୀ ନାରାୟଣପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ୨୪/୨୦୧୩ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ପୋଲିସ ୨୧ଜଣଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ତେବେ ଉପରୋକ୍ତ ୧୧ଜଣଙ୍କୁ ପୋଲିସ ଗିରଫ କରିଥିଲା । ପରେ ମାମଲାଟି ସିଟି କେସ୍ ନଂ. ୭୭/୨୦୧୪ରେ କୋରାପୁଟ ଏଡିଜେଙ୍କ କୋର୍ଟରେ ବିଚାରାଧୀନ ଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡ଼ିଛି । ଖଲାସ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ସମ୍ବରୁ ସିରିକା ଓ ମୀନ ହିକ୍କା ଅନ୍ୟ ମାମଲାରେ ବିଚାରାଧୀନ ବନ୍ଦୀ ଥିବାବେଳେ ଅନ୍ୟ ୯ଜଣ ଜାମିନରେ ଥିଲେ। ମାମଲାକୁ ଆଇନଜୀବୀ ମନୋରଞ୍ଜନ ରାଉତରାୟ, କମଳ ଖରା ଓ ବିଘ୍ନରାଜ ବେହେରା ପରିଚାଳନା କରୁଥିବାବେଳେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜିମୁତ ବାହାନ ସୁନାନି ପରିଚାଳନା କରୁଥିଲେ।

# କୋଟିଆରେ ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ପଟ୍ଟାଙ୍ଗୀ,୨୯।୧୨ (ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତକୁ ବୁଧବାର ଜିଲାପାଳ ଅବଦଲ ଏମ. ଅଖତର ଗସ୍ତ କରିଛନ୍ତି। ପଞ୍ଚାୟତରେ ନିର୍ମାଣାଧୀନ ମାଡକାର ବ୍ରିଜ କାର୍ଯ୍ୟ, ସଦର ମହକୁମାରେ ଥିବା ଆଶ୍ରମ ବିଦ୍ୟାଳୟ ଏବଂ ପଞ୍ଚାୟତର ତଳ ଗଞ୍ଜେଇପଦର ଗ୍ରାମରେ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢା କିପରି ଆରମ୍ଭ ହୋଇପାରିବ ସେନେଇ ଜିଲାପାଳ ତଦାରଖ କରିଥିଲେ। ପିଲାଙ୍କ ପାଠପଢା ଆରମ୍ଭ ପୂର୍ବରୁ ଆବଶ୍ୟକ ରହିଥିବା ପାନୀୟଜଳ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ପିଏ ଆଇଟିଡିଏ କାରୁ ସୋରେନ ଏବଂ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ତଳଗଞ୍ଜେଇପଦରକୁ ଆନ୍ଧ୍ରର ଆସିଥିବା ୫ଜଣିଆ ଟିମ୍ ସମ୍ପର୍କରେ ଜିଲାପାଳ ଅନୁଧ୍ୟାନ କରିବା ସହ ନୁଆଗାଁ ପଞ୍ଚାୟତର ଗାଲିଗାବଡାସ୍ଥିତ ପର୍ଯ୍ୟଟନ ସ୍ଥଳି ରଥିବାଲି ପରିଦର୍ଶନ କରି ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ଥିବା ବିଭିନ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଡିଓ ସୌମ୍ୟ ସାର୍ଥକ ମିଶ୍ର ଏବଂ ବ୍ଲକ ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ପାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଏପିଓ ସୌମେନ୍ଦ୍ର ନାୟକ, କୋଟିଆ ପିଇଓ ନବ ହନ୍ତାଳ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


କୋଟିଆରେ ଜିଲାପାଳ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

# ଆଜି ଜୟପୁର ବନ୍ଦ

## ମହିଳାଙ୍କୁ ଗଣ ବଳାତ୍କାର ମାମଲା

**ଜୟପୁର, ୨୯।୧୨ (ନି.ପ୍ର.)**

ସ୍ୱାମୀ ଓ ପୁଅକୁ ବନ୍ଧୁକ ଦେଖାଇ ଜଣେ ମହିଳାଙ୍କୁ ଗଣବଳାତ୍କାର କରିବା ଘଟଣାର ୫ ଦିନ ବିତିଯାଇଥିଲେ ମଧ ଜୟପୁର ମହିଳା ଥାନା ପୋଲିସ ମାମଲା ରୁଜୁକରି ଚୁପ୍ ରହିଛି। ଏଯାଏ କାହାକୁ ଗିରଫ କରିପାରିନାହିଁ। ଏହାର ପ୍ରତିବାଦ କରିଛି ଭାଜପା। ଏନେଇ ଗୁରୁବାର ଦଳ ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି । ଜୟପୁରରେ ଚକ, ଅଖ, ଦୋକାନ, ବଜାର ସବୁ ବନ୍ଦ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବାମୁଣି ଗାଁରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଥିବା ବେଳେ ମାରଣାସ୍ତ୍ର ଦେଖାଇ ସାକ୍ଷୀମାନଙ୍କୁ ପ୍ରଭାବିତ କରୁଥିବା ଭାଜପା ଅଭିଯୋଗ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗାଁରେ ସ୍ୱାମୀ ,ସ୍ତ୍ରୀ ଓ ପୁଅ ଶୋଇଥିବା ବେଳେ ୨ ଜଣ ଦୁର୍ବୃତ୍ତ ଘର ପଛ ପଟେ ପଶି ସ୍ୱାମୀଙ୍କୁ ନିସ୍ତୁକମାଡ ମାରି ପୁଅକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ବନ୍ଧୁକ ଦେଖାଇ ପୁଅ ଓ ସ୍ୱାମୀଙ୍କୁ ଜଣେ ଅଭିଯୁକ୍ତ ଧରିଥିବା ବେଳେ ଅନ୍ୟ ଜଣେ ମହିଳା(୨୫)ଙ୍କୁ ବଳାତ୍କାର କରିଥିଲେ। ପରେ ଅନ୍ୟ ଜଣେ ଯୁବକ ପହଞ୍ଚି ସେ ମଧ ସ୍ୱାମୀ ଓ ପୁଅକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ବଳାତ୍କାର କରିଥିଲେ। ପରେ ଏନେଇ ସେ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ଗୋ ଚାଲାଣ, ବୁଲା ଗୋରୁଙ୍କ ଉପରେ ଲାଗୁ ଅଙ୍କୁଶ

## ଜିଲା ଜୀବେ ନିଷ୍ଠୁରତା ନିବାରଣ ସମିତି ବୈଠକ

**କୋରାପୁଟ,୨୯।୧୨(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରର ସଭାଗୃହ ପରିସରରେ ବୁଧବାର ଜିଲା ଜୀବେ ନିଷ୍ଠୁରତା ନିବାରଣ ସମିତିର ସାଧାରଣ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଅଧ୍ୟକ୍ଷତା କରିଥିଲେ। ଜିଲା ଜିବେ ନିଷ୍ଠୁରତା ସମିତିର ସମ୍ପାଦକ ତଥା ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡକ୍ଟର ସାରଙ୍ଗଧର ଶତପଥୀ, ସହକାରୀ ଜିଲା ଆରକ୍ଷୀ ଅଧୀକ୍ଷକ ସତୀଶ ପ୍ରସାଦ ପାଢୀ, ଏସ୍‌ଡିଭିଓ ଶ୍ରୀମନ୍ତ ନନ୍ଦ, ଏସଡିଭିଓ ଜୟପୁର ଗିରିଜା ପ୍ରସାଦ ତ୍ରିପାଠୀ, ଏଡିଭିଓ ସନ୍ତୋଷ ପାଣିଗ୍ରାହୀ, ରଶ୍ମିକାନ୍ତ ନନ୍ଦଙ୍କ ସମେତ ଜିଲା ଜୀବେ ନିଷ୍ଠୁରତା ନିବାରଣ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଜିଲାରେ ଗୋ ଚାଲାଣ ଉପରେ ଅଙ୍କୁଶ ଲଗାଯିବା, ବଜାରରେ ବୁଲା ଗୋରୁଗାଇଙ୍କ ପାଇଁ ସମସ୍ୟା ହେଉଥିବାରୁ ସେମାନଙ୍କ ପାଇଁ ସହରର ଏକ ସ୍ଥାନରେ ସ୍ୱତନ୍ତ୍ର ଗୃହ ନିର୍ମାଣ କରି ରଖିବା, ସେହିପରି ବୁଲାକୁକୁରଙ୍କୁ ରଖିବା ବ୍ୟବସ୍ଥା କରାଯିବା ଉପରେ ବୈଠକରେ ଭାବେ ଆଲୋଚନା ହୋଇଥିଲା। କୋରାପୁଟ ଓ ସୁନାବେଡା ମ୍ୟୁନିସିପାଲିଟି ଅଞ୍ଚଳରେ ସେମାନଙ୍କୁ ରଖିବାନେଇ ବ୍ୟବସ୍ଥା କରାଯିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ସମିତିରେ ଅଧିକରୁ ଅଧିକ ସଦସ୍ୟମାନଙ୍କୁ ପଞ୍ଜୀକୃତ କରିବା, ଗୋରୁଗାଇଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀଙ୍କୁ ଏହି ସମିତିରେ ନେବାକୁ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଶତପଥୀ ପ୍ରକାଶ କରିଥିଲେ। ଜିଲା ପ୍ରାଣୀଧନ ବିଭାଗର ସୁରେନ୍ଦ୍ର ମାଝି ବୈଠକ ପରିଚାଳନା କରିଥିଲେ।


ଜିଲା ଜୀବେ ନିଷ୍ଠୁରତା ନିବାରଣ ସମିତିର ବସିଥିବା ବୈଠକ।

